# Akashvani, Sambalpur

## SAMBALPURI NEWS BULLETIN

### 4 September 2025 - 6.47- 6.52 am.

*********************************************

ଜିଏସ୍‌ଟି ପରିଷଦ୍ ବୈଠକ୍ ପିଆଇବି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ନୂଆଦିଲ୍ଲୀଠାନେ ହେଇଥିବା ଜିଏସ୍‌ଟି ପରିଷଦ୍‌ର ୫୬ ନମ୍ବର ବୈଠକ୍‌ଥି ଆଏବା ପିଢ଼ିର ଜିଏସ୍‌ଟି ସଂସ୍କାର୍‌କେ ଅନୁମୋଦନ୍ କରାଯାଇଛେ । ଜନସାଧାରଣଙ୍କର ସ୍ୱାର୍ଥକେ ନଜର୍‌ଥି ରଖିକରି ପରିଷଦ୍ ତର୍‌ଫୁ ବହୁତ୍‌ଟେ ଅତ୍ୟାବଶ୍ୟକ ଦରବ୍ ଉପ୍‌ରେ ଟିକସ୍ ଛାଡ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦିଆଯାଇଛେ । ପରିଷଦ୍‌ର ପ୍ରସ୍ତାବ୍ ଅନ୍‌ସାରେ, ୩୩ ଜୀବନ ରକ୍ଷାକାରୀ ଉଷୋକସା, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ସହେତେ ପନିର, ରୁଟି ଉପ୍‌ରେ ପୁରାପୁରି ଟିକସ୍ ଛାଡ଼ କରାଯିବା । ହସ୍ତତନ୍ତ, ଚମ୍‌ଡ଼ା ଦରବ, ଜୈବସାର ଉପ୍‌ରେ ଟିକସ୍ ହାର ୫ ପ୍ରତିଶତ୍ କେ କମ୍ କରାଯିବା । ସିମେଂଟ, ଟିଭି, ୱାସିଂ ମେସିନ, ଛୋଟ କାର୍, ମୋଟର ସାଇକଲ ଉପ୍‌ରୁ ୧୨ ନୁ ୨୮ ପ୍ରତିଶତ୍ ତକ୍ କମ୍ କର୍‌ବାର୍‌କେ ପରିଷଦ୍ ପ୍ରସ୍ତାବ ରଖିଛେ । ସେନ୍ତା ତମାଖୁ, ସିଗାରେଟ୍, ଗୁଟ୍‌ଖା ଆଉ ସୌଖୀନ୍ କାର୍ ଉପ୍‌ରେ ସବୁନୁ ଜହ ୪୦ ପ୍ରତିଶତ ଟିକସ୍ ଲାଗି ପରିଷଦ୍ ପ୍ରସ୍ତାବ

ଦେଇଛେ ବଲି ବୈଠକ୍ ଉତ୍‌ରୁ ସାମ୍ବାଦିକ୍ ସମ୍ମିଳନୀ ଜରିଏ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ସୀତାରମଣ ସୂଚ୍‌ନା ଦେଇଛନ୍ । ଏତ୍‌କରର୍ ୪ଟା ହାର ବଦ୍‌ଲେ ୫ ଆଉ ୧୮ ପ୍ରତିଶତ୍ ଭାବେ ଦୁଇଟା ହାରଥି ଜିଏସ୍‌ଟି ଆଦାୟ କରାଯିବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍....

(ଭଏସ୍---ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ)

ନୂଆ ଜିଏସ୍‌ଟି ଦର୍ ଆଏବା ୨୨ ତାରିଖ୍‌ନୁ ଲାଗୁ ହେବା । ନୂଆ ଦର୍ ଲାଗୁ ହେବାର୍ ସହେତେ କେନ୍ଦ୍ର ସରକାରଙ୍କୁ ୪୮ ହଜାର କୋଟି ଟଙ୍କାର ନୁକ୍‌ସାନ୍ ସହେବାର୍‌କେ ପଡ଼୍‌ବା ।

ଜିଏସ୍‌ଟି ସ୍ଲାବ୍ ସଂଶୋଧନ୍ ନିଷ୍ପତିକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ୍ କର୍‌ବାର୍ ସହେତେ ଇଟା ସାଧାରଣ ଖାଉଟି ଆଉ ଚାଷୀମାନ୍‌କର ଜୀବନ୍‌ଥି ଉନ୍ନତି ଆନ୍‌ବା ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆ ବ୍ୟବସ୍ଥା ଦର୍‌ଦାମ୍ କମାବାର୍ ସହେତେ ସାଧାରଣ ଲୁକ୍‌କୁ ଖୋବ୍ ଲାଭ୍ ଦେବା ବଲି କହିଛନ୍ ।

ସେମିକନ୍ ଇଣ୍ଡିଆ ସମ୍ମିଳନୀ　　　　　　　ଆର୍‌ଏନ୍‌ୟୁ/ ସମ୍ବଲପୁର

ସେମିକନ୍ କ୍ଷେତ୍ରଥି ଓଡ଼ିଶା ନ ପୁଞ୍ଜିନିବେଶ କର୍‌ବାର ଲାଗି ନୂଆଦିଲ୍ଲୀ ନ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୫ ସମ୍ମିଳନୀଥି ଗଲାକାଏଲ୍ ୨ଟା

ରାଜିନାମା ସ୍ୱାକ୍ଷରିତ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଉପସ୍ଥିତିଥି ରାଜ୍ୟ ସରକାର ୨ ହଜାର ୬ ଶହ ୫୫ କୋଟିର୍ ୨ଟା ବୁଝାମଣାପତ୍ର ସ୍ୱାକ୍ଷର୍ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୋବ୍ ଜଲ୍ଦି ଓଡ଼ିଶା ଅତ୍ୟାଧୁନିକ୍ ଇଲେକ୍ଟ୍ରୋନିକ୍ସ ସଙ୍ଗେ ସେମି କଣ୍ଡକ୍ଟର ଉତ୍ପାଦନର୍ ଶକ୍ତିକେନ୍ଦ୍ର ହେବା ବଲି କହିଛନ୍ । ଇଥିର୍ ଲାଗି ରାଜ୍ୟ ସରକାର ବିଶ୍ୱସ୍ତରୀୟ ଭିତିଭୂମି ଯୁଗେଇ ଦେବାର୍କେ ସଂକଳ୍ପବଦ୍ଧ ବଲି ଶ୍ରୀ ମାଝୀ କହିଛନ୍ ।

ଏମ୍ଏସ୍ସି ନିର୍ବାଚନ-ହାଇକୋର୍ଟ          କଟକ ସମ୍ବାଦଦାତା

ସମ୍ବଲପୁର ମହାନଗର ନିଗମ ୱାର୍ଡ ସଂରକ୍ଷଣକେ ନେଇକରି ଜାରି ହେଇଥିବା ବିଜ୍ଞପ୍ତିକେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗଲାକାଏଲ୍ ରଦ୍ଦ କରିଛନ୍ । ଇଥିର୍ଲାଗି ପାଖାପାଖି ୧୦ ବଛର୍ ଉତ୍ରୁ ମହାନଗର ନିଗମ ନିର୍ବାଚନ ଲାଗି ବାଟ୍ ଫଟିକ୍ ହେଇଛେ । ଆଏବା ୬ ହପ୍ତା ଭିତ୍ରେ ମହାନଗର ନିଗମ ୱାର୍ଡ ସଂରକ୍ଷଣକେ ନେଇକରି ସାନି ବିଜ୍ଞପ୍ତି ଜାରି କର୍ବାର୍କେ ଅଦାଲତ୍ ସରକାରଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସୂଚ୍ନା ଅନ୍ସାରେ, ୨୦୧୫ ମସିହା ବେଲ୍କେ ସମ୍ବଲପୁର ମହାନଗର ନିଗମ ଘୋଷଣା ହେବାର୍ ଉତ୍ରୁ ୱାର୍ଡ ସଂରକ୍ଷଣକେ ବିରୋଧ କରି କରି

ହାଇକୋର୍ଟ ନ ଗୁଟେ ଆବେଦନ୍ କରାଯାଇଥିଲା । ତାର୍ ଉତ୍ରୁ ହାଇକୋର୍ଟ ୱ୍ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଉପ୍ରେ ରହିତାଦେଶ୍ ଜାରି କରିଥିଲେ ।

ଶିକ୍ଷମନ୍ତ୍ରୀ-ବୈଦେଶିକ୍ ଅଧିକାରୀ ସାକ୍ଷାତ୍ I&PR

ଓଡ଼ିଶା ଗସ୍ତଥି ଆସିଥିବା ଭାରତୀୟ ବୈଦେଶିକ୍ ସେବା ଅଧିକାରୀମାନେ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ଶିକ୍ଷ ଆଉ ଦକ୍ଷତା ବିକାଶମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟିଛନ୍ । ଇ ଅବ୍ସରେ ଅଧିକାରୀମାନେ ରାଏଜର ଶିକ୍ଷ କ୍ଷେତ୍ରଥି ଅଭିବୃଦ୍ଧି ଆଉ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରଥି ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍ଦେ ମନ୍ତ୍ରୀଙ୍କର ସଙ୍ଗେ ଆଲୋଚନା କରିଥିଲେ । ପୁଞ୍ଜି ନିବେଶ ଲାଗି ଓଡ଼ିଶାନ ଭରି ରହିଥିବା ସମ୍ଭାବନା ଆଉ ସୁଯୋଗ୍ ବାବ୍ଦେ ବିଶ୍ୱସ୍ତର୍ ନ ତଥ୍ୟ ଉପସ୍ଥାପନ୍ କର୍ବାର୍ ଲାଗି ଶିକ୍ଷମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ୍ ଅଧିକାରୀମାନ୍ଙ୍କୁ ପରାମର୍ଶ ଦେଇଛନ୍ ।

ରପ୍ତାନୀ ନୀତି ପ୍ରଶିକ୍ଷଣ I&PR

ରାଜ୍ୟ ସରକାର ଦେଇଥିବା ସୁଯୋଗ୍‌ର ସଦୁପଯୋଗ୍ କରି କରି ରପ୍ତାନୀ ବଢ଼ାବାର୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଭିନ୍ ଭିନ୍ ଦେଶର୍ ରାଷ୍ଟ୍ରଦୂତମାନେ ଓଡ଼ିଶାର୍ ରପ୍ତାନୀକାରୀମାନ୍‌ଙ୍କୁ ଆହ୍ୱାନ୍ ଦେଇଛନ୍ । ରପ୍ତାନୀ ପ୍ରୋତ୍ସାହନ୍ ଆଉ ବିପଣନ୍ ନିର୍ଦ୍ଦେଶାଳୟ ତର୍‌ଫୁ ଗଲାକାଏଲ୍ ଭୁବନେଶ୍ୱରଠାନେ ହେଇଥିବା ରପ୍ତାନୀ ନୀତି ଆଉ ବିଶ୍ୱ ବଜାର୍ ସଂଯୋଗୀକରଣ ଶୀର୍ଷକ୍ ପ୍ରଶିକ୍ଷଣ ଅଧିବେଶନ୍‌ଥି ଯୋଗ୍ ଦେଇକରି ରପ୍ତାନୀ କ୍ଷେତ୍ରଥି ଓଡ଼ିଶାର୍ ବ୍ୟାପକ୍ ସୁଯୋଗ୍ ରହିଛେ ବଲି ରାଷ୍ଟ୍ରଦୂତମାନେ କହିଛନ୍ ।

ହୀରାକୁଦ୍ -ହୋଟେଲ ଶିଳ୍ପ ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ଜଲଭଣ୍ଡାର୍‌ର ଚାରିଆଡ଼େ ସରକାରୀ ଜମିନ୍‌ଥି ହୋଟେଲ୍ ଶିଳ୍ପକେ ତହଁକ୍‌ବାର୍ ଲାଗି ଇଡ୍‌କୋ ଆଉ ରାଜସ୍ୱ ବିଭାଗ୍ ତର୍‌ଫୁ ତୟାରି ମୁଲ୍ ହେଇଛେ । ସମ୍ବଲପୁର, ବରଗଡ଼ ଆଉ ଝାରସୁଗୁଡ଼ା ଜିଲ୍ଲାର ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଚାରିଆଡ଼େ ୨ ହଜାର ଏକଡ଼ ଜମି ଥି ପର୍ଯ୍ୟଟନ୍‌ର ବିକାଶ ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ତର୍‌ଫୁ ଇ ବିକାଶ କାମ୍ କରାଯିବା । ଇଥିର୍ ଲାଗି ପହେଲା ଖେପେ ୩ ଶହ ୪୦ ଏକଡ଼

ଜମି ଇଡ୍‌କୋ କେ ଦେବାର୍ ଲାଗି ଚିହ୍ନଟ୍ କରାଯାଇଛେ । କେନ୍ଦ୍ର ସରକାରଙ୍କର ଦେଖ୍‌ରେଖ୍‌ଥି ଇଥିର୍ ଲାଗି ମାଷ୍ଟର୍ ପ୍ଲାନ୍ ଭିଲ୍ ତିଆର୍ ହେଇଛେ ।

ସ୍ୱାସ୍ଥ୍ୟ ସମୀକ୍ଷା ଝାରସୁଗୁଡ଼ା ସମ୍ବାଦଦାତା

ମାତୃ, ଶିଶୁ ମୃତ୍ୟୁ, କିଶୋର ସ୍ୱାସ୍ଥ୍ୟ ବାବଦ୍ ସେବା, ଟିକାକରଣ, ମେଲେରିଆ, ଡେଙ୍ଗୁ, ଟିବି ଆଉ ଅଣସଂକ୍ରମିତ୍ ରୋଗ ବାବ୍‌ଦେ ଝାରସୁଗୁଡ଼ା ଜିଲ୍ଲା ନ ଗୁଟେ ସମୀକ୍ଷା ବୈଠକ୍ ହେଇଛେ । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷ ନ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ୍‌ଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ସ୍ୱାସ୍ଥ୍ୟ ବିଭାଗ୍‌ର ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ବୈଠକ୍‌ଥି କାୟାକଳ୍ପ ଆଉ କେନ୍ଦ୍ରୀୟ ଗୁଣବତା ନିୟନ୍ତ୍ରଣର ସଫଲ୍‌ତା ଆଉ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍‌ର ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ବନିଥିବାର୍ ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍ଘଡ଼ି ସହେତେ ବର୍ଷା ହେଇପାରେ । ପୁରୀ, ଖୋର୍ଦ୍ଧା, ଜଗତ୍ସିଂହପୁର, କଟକ ନ ଘଡ଼୍ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।